### ମଣ୍ଡିରେ ଧାନ ଉଠୁନି, ରନ୍ଧନ ଗ୍ୟାସ ସମସ୍ୟା

# କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ

ମାଲକାନଗିରି, ୨୫ ।୩(ସମିସ): ମାଲକାନଗିରି ଜିଲ୍ଲାରେ ସମସ୍ତ ମଣ୍ଡିରେ ଖରିଫ ଋତୁ ଧାନ ଉଠୁ ନଥିବା ପ୍ରତିବାଦ ଏବଂ ରନ୍ଧନ ଗ୍ୟାସ୍ ଠିକ୍ ଭାବେ ଯୋଗାଇ ଦେବା ସହ ଅନ୍ୟାନ୍ୟ ଦାବି ନେଇ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ବ୍ଲକ ଓ ଜିଲ୍ଲା ସଦରରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରା ଯାଉଥିବା ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓଙ୍କ ଆହ୍ୱାନ କ୍ରମେ ଏହି ବନ୍ଦ ଡକରାକୁ ସଫଳ କରିଥିଲେ ଦଳୀୟ କର୍ମୀ ମାନେ । ଜିଲ୍ଲା ସଦମହକୁମାର ବସଷ୍ଟାଣ୍ଡ ଓ ଡିଏନକେ ଛକ ଠାରେ କଂଗ୍ରେସର ବରିଷ୍ଠ ନେତୃ ମଣ୍ଡଳୀ ଓ ଦଳୀୟ କର୍ମୀ ମାନେ ନାରା ବାଜି କରିବା ସହ ପିକେଟିଂ କରିଥିଲେ । ମାଲାନଗିରି ଜିଲ୍ଲାରେ ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ବେଳେ ସମସ୍ତ ଦୋକାନ ବଜାର, ସରକାରୀ ସହ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । ଜିଲ୍ଲାରେ ଚାଷୀଙ୍କ ପାଇଁ ଉପୁଜିଥିବା ସମସ୍ୟା ଓ ମଣ୍ଡିରେ ଧାନ ପଡ଼ି ରହି ନଷ୍ଟ ହୋଇଥିବା ବେଳେ ଚାଷୀ ନାନା ସମସ୍ୟା ଭୋଗୁଛନ୍ତି ।



ଧାନ କ୍ରୟରେ ପ୍ରଶାସନ ବିଫଳ ହେବା ସହ ବଢୁଥିବା ଗ୍ୟାସ ସମସ୍ୟା ଭଳି ବିଭିନ୍ନ ବିଷୟକୁ ନେଇ ଏହି ବନ୍ଦ ପାଳନ କରାଯାଇଛି । ତେବେ ଆସନ୍ତା ୩୧ ତାରିଖ ମଧ୍ୟରେ ଯଦି ସମସ୍ତ ମଣ୍ଡିରୁ ଧାନ କ୍ରୟ ନ କରାଯାଏ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ସେଠାରେ ଧାନ ମଣ୍ଡି କରିବା ପାଇଁ ଦଳ ପଦକ୍ଷେପ ନେବ ବୋଲି ଦଳୀୟ ନେତା ପ୍ରକାଶ କରିଛନ୍ତି । ଏହି ବନ୍ଦ ସମୟରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା ।

## କଂଗ୍ରେସର ଚିତ୍ରକୋଣ୍ଡା ବନ୍ଦ ଡାକରା




ଚିତ୍ରକୋଣ୍ଡା,୨୫ ।୩(ସମିସ): ମାଲକାନଗିରି ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ ଉଠାଇବା,ଅଦିନିଆ କାଳ ବୈଶାଖୀ ରେ ନଷ୍ଟ ହୋଇଯାଇଥିବା ଧାନ ର ଉଚିତ କ୍ଷତି ପୂରଣ ଦେବା,ଚାଷୀ ମାନଙ୍କୁ ୩ ବର୍ଷର ଖାଲି ଧାନ ବସ୍ତାର ଟଙ୍କା ଫେରାଇବା ଓ ସିଲିଣ୍ଡର ଗ୍ୟାସ,ଡିଜେଲ,ପେଟ୍ରୋଲ ଉପଭକ୍ତା ମାନଙ୍କୁ ଠିକ ସମୟରେ ଯୋଗେଇଦେବା ଏହିପରି ଚାରି ଦଫା ଦାବିନେଇ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଡକା ଯାଇଥିବା ୧୨ ଘଣ୍ଟିଆ ଜିଲ୍ଲା ବନ୍ଦର ପ୍ରଭାବ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ମଧ ଦେଖିବାକୁ ମିଳିଥିଲା । ଚିତ୍ରକୋଣ୍ଡା କଂଗ୍ରେସ ବ୍ଲକ ସଭାପତି ବିଦେଶୀ ଗୌଡ଼ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଅଞ୍ଚଳରେ ମଧ ବନ୍ଦ ପାଳନ କରାଯାଇଥିଲା । ସକାଳ ୬ଟା ସମୟରୁ କଂଗ୍ରେସ କର୍ମୀମାନେ ଚିତ୍ରକୋଣ୍ଡା ଆମ୍ବେଦକର ଛକ ନିକଟରେ ଏକତ୍ରିତ ହୋଇ ଚିତ୍ରକୋଣ୍ଡା ଠାରୁ ବାଲିମେଳା ଓ ଚିତ୍ରକୋଣ୍ଡା ଠାରୁ ଆନ୍ଧ୍ରପ୍ରଦେଶ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା । କଂଗ୍ରେସ କର୍ମୀ ଚିତ୍ରକୋଣ୍ଡା ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ ସ୍କୁଲ, କଲେଜ, ଅଫିସ ଓ ବ୍ୟାଙ୍କ୍ ବନ୍ଦ କରିଥିଲେ । ଏହି ବନ୍ଦରେ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳର ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## କୋରୁକୋଣ୍ଡା ଓ ବାଲିମେଳାରେ ବନ୍ଦର ପ୍ରଭାବ



କୋରୁକୋଣ୍ଡା,୨୫ ।୩(ସମିସ):ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ୨୪ ଘଣ୍ଟିଆ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି । ଏନେଇ ଆଜି ସକାଳୁ କୋରୁକୋଣ୍ଡା ବ୍ଲକ ସଦର ସମେତ ବାଲିମେଳା ସହରରେ ଗାଡି ମୋଟର ଚଳାଚଳ ବନ୍ଦ ସହ ଦୋକାନ ବଜାର, ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ବିଦ୍ୟାଳୟ ମଧ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ମଣ୍ଡିରେ ଦୀର୍ଘ ଦିନ ଧରି ଧାନ ପଡି ରହିଥିବା ବେଳେ ତାହା ଉଠୁ ନାହିଁ । ଏଥିସହ ଗତ ୪ଦିନରୁ ଉର୍ଦ୍ଧ ହେବ ସନ୍ଧ୍ୟା ସମୟର କାଳ ବୈଶାଖୀ ବର୍ଷାରେ ମଣ୍ଡି ଗୁଡିକରେ ଥିବା ଧାନ ଭିଜି ତାହା ଗଜାରେ ପରିଣତ ହୋଇଯାଇଛି । ଏନେଇ ବିଧାନସଭାରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରଶ୍ନ କରିବା ସହ ଯଦି ମଣ୍ଡିରେ ପଡି ରହିଥିବା ଧାନ ତୁରନ୍ତ ଉଠାନଯାଏ ତାହେଲେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସମଗ୍ର ଜିଲ୍ଲା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ । ଚିତ୍ରକୋଣ୍ଡା ବିଧାୟକଙ୍କ ଆହ୍ୱାନକ୍ରମେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ଆଜିର ଏହି ବନ୍ଦ ଡାକରାରେ କୋରୁକୋଣ୍ଡା ବ୍ଲକ କଂଗ୍ରେସ ସଭାପତି ମୁକୁନ୍ଦ ପଡିଆମି, ଚିତାକୁଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବେଣୁ ହଁତାଳ, ଭୀମା ବାର୍ଷେ, ଚିନା ରାଓ, ଇର୍ମା ମାଢ଼ି, ଜଗନ୍ନାଥ ଗଣ୍ଡ, ଜଗନ୍ନାଥ ଖିଲ, ବୁଦ୍ଧୁ ମାଝୀ,ବାଲିମେଳା ସହରରେ ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ରବି ହରିଜନଙ୍କ ସମେତ କଂଗ୍ରେସର ଅନ୍ୟ କର୍ମୀମାନେ ସାମିଲ ହୋଇଥିଲେ ।

● ଭେଲିଡେଶନ୍ ଏକ୍ଟ ପ୍ରତ୍ୟାହାର ଦାବି

## ଗୁଣୁପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଗୁଣୁପୁର,୨୫।୩(ସମିସ): ବିଲ ପାସ୍ ସମୟରେ ଭେଲିଡେଶନ ଏକ୍ଟ କେନ୍ଦ୍ର ସରକାର ପାଶ କରିଛନ୍ତି । ଏହି କଳା ଏକ୍ଟ କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ ଓ ସଂକୁଚିତ କରିବା ପାଇଁ ଏକ ଚକ୍ରାନ୍ତ । ତେଣୁ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତିକୁ ବିରୋଧ କରି ଅବସରପ୍ରାପ୍ତ କର୍ମଚାରୀମାନେ ଆଜି ଗୁଣୁପୁର କୋର୍ଟ ସମ୍ମୁଖରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ



କେନ୍ଦ୍ର ସରକାରଙ୍କ ଏହି କଳା ଆଇନ୍‌କୁ ପ୍ରତ୍ୟାହାର କରିବା ଦାବି ନେଇ ସେମାନେ ନାରା ଦେଇଥିଲେ । ଆଜି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ସୁବ୍ରସ୍ମାତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତା ଜଗନ୍ନାଥ ପଟ୍ଟନାୟକ, କୈଳାସ ଦାସ, ରାମ ପଟ୍ଟନାୟକ, ନୀଳମାଧବ ପାଢୀ, ସୁରେଶ ପାଢୀ, ଜଗନ୍ନାଥ ଦାସ, ରାଜେନ୍ଦ୍ର ନାୟକ, ବଲ୍ଲଭ ନାରାୟଣ ଖାଡ଼ଙ୍ଗା, ଅନ୍ୟାନ୍ୟ ପ୍ରମୁଖ ଶତାଧିକ କର୍ମଚାରୀ ସାମିଲ ରହିଥିଲେ । ଆଗକୁ ଯଦି କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ, ବଡଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

● ଜିଲ୍ଲା କଂଗ୍ରେସର ବନ୍ଦ ପାଳନ

## କାଳିମେଳା-ମୋଟୁ ଯୋଗାଯୋଗ ବାଧାପ୍ରାପ୍ତ

କାଳିମେଳା,୨୫।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର କାଳିମେଳା ମୁଖ୍ୟ ଛକ ଠାରେ ଜିଲ୍ଲା କଂଗ୍ରେସର ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ କାଳିମେଳା ବ୍ଲକରେ ମଧ କଂଗ୍ରେସ ପକ୍ଷରୁ କାଳିମେଳା ମୁଖ୍ୟ ଛକଠାରେ ବ୍ୟାରିକେଡ ସ୍ଥାପନ କରି ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରିଥିବା ଦେଖାଯାଇଥିଲା । ମଣ୍ଡିରୁ ଧାନ ଉଠାଇବା, ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତି ପ୍ରଦାନ, ଜିଲ୍ଲାକୁ ପର୍ଯ୍ୟାପ୍ତ ପେଟ୍ରୋଲ୍, ଗ୍ୟାସ ସିଲିଣ୍ଡର ଯୋଗାଣ, ଖାଲି ବସ୍ତା ବାବଦକୁ ଚାଷୀଙ୍କୁ ବକେୟା ୩ ବର୍ଷର ଟଙ୍କା ଯୋଗାଣ ନେଇ ଦାବି କରାଯାଇଛି । ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତିଙ୍କ ଆହ୍ୱାନ କ୍ରମେ କାଳିମେଳା ବ୍ଲକ କଂଗ୍ରେସ ସଭାପତି ଅଶୋକ ମଣ୍ଡଳଙ୍କ ନେତୃତରେ ବରିଷ୍ଠ କଂଗ୍ରେସ ନେତା ମାଲା ମାଢ଼ି, ଲ୍ୟାମ୍ପସ ସଭାପତି ବୁଦ୍ରା କବାସିଙ୍କ ସମେତ ଅନ୍ୟାନ୍ୟ କର୍ମୀମାନେ ବନ୍ଦକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ । ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ବନ୍ଦ ହୋଇଥିବା ବେଳେ ଏମଭି-୭୯, ମୋଟୁ ଏବଂ ପଡିଆ ବ୍ଲକକୁ ମଧ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା । ସୁରକ୍ଷା ଦୃଷ୍ଟିରୁ ପୁଲିସ୍ କର୍ମୀ ମାନେ ସେଠାରେ ଉପସ୍ଥିତ ରହିଥିଲେ ।




## ନିର୍ମାଣ ଶ୍ରମିକ ସଚେତନତା, ପଞ୍ଜୀକରଣ ଶିବିର

ମାଲକାନଗିରି,୨୫ ।୩(ସମିସ): ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମାଲକାନଗିରି ବ୍ଲକ ଅନ୍ତର୍ଗତ ପେଡାକୋଣ୍ଡା ଗ୍ରାମପଞ୍ଚାୟତଠାରେ ଏକ ଶ୍ରମିକ ପଞ୍ଜିକରଣ ଓ ସଚେତନତା ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କ୍ୟାମ୍ପ୍‌ରେ ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ । ମୋ ସେବା



କେନ୍ଦ୍ର ଜରିଆରେ ୫୭ ଜଣ ଶ୍ରମିକଙ୍କୁ ତୁରନ୍ତ ଅନ୍‌ଲାଇନ ପଞ୍ଜୀକରଣ କରାଯାଇଛି । ୪୪ରୁ ଅଧିକ ଶ୍ରମିକଙ୍କ କାର୍ଡ ନବୀକରଣ କରାଯିବା ସହ ଅଚଳ ଥିବା କାର୍ଡଗୁଡ଼ିକୁ ସକ୍ରିୟ କରାଯାଇଛି । ଶିବିରରେ ଉପସ୍ଥିତ ୧୪୯ ଜଣ ଶ୍ରମିକଙ୍କୁ ପ୍ରବାସୀ ଓ ଅଣସଂଗଠିତ କ୍ଷେତ୍ରରେ ମିଳୁଥିବା ସରକାରୀ ସୁବିଧା ବିଷୟରେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ଏବଂ ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ରାଉତରାୟ, ରିଙ୍କୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଜନଜାତି ବହୁଳ ଅଞ୍ଚଳରେ ଶ୍ରମିକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି ।

# ପାରସାଲି ରାସ୍ତାରେ ପିଚୁ କାମ ନିମ୍ନମାନର ଅଭିଯୋଗ

କଲ୍ୟାଣସିଂହପୁର,୨୫।୩(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଥିବା ବେଳେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ପ୍ରିୟାପ୍ରୀତି ତୋଷଣ ଓ ଠିକାଦାର ପୋଷା ନୀତି ଯୋଗୁଁ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇ ପାରୁନି । ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରୁଛନ୍ତି ରାଜ୍ୟ ସରକାର । ହେଲେ ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ବିନିଯୋଗ ହେଉନଥିବାରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାକାର ହେଉନଥିବା ଅଭିଯୋଗ ହେଉଛି । ରାୟଗଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ମରାମତି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟ ସ୍ଥଳରେ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଖୋରାକ ଯୋଗାଉଥିବା ଅଭିଯୋଗ ହେଉଛି । ରାସ୍ତାର ଖାଲ ଖମାରେ କିଛି ମେଟାଲ ଢ଼ାଳି ଅତି ପତଳାରେ ପିଚୁ ପକାଇ କାମ ଶେଷ କରିବାକୁ ଉଭୟ ବିଭାଗ ଓ ଠିକାଦାର ପକ୍ଷରୁ ଉଦ୍ୟମ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର ରାସ୍ତା ନିର୍ମାଣର ମାତ୍ର ଦୁଇ ଦିନ ମଧ୍ୟରେ ଉଠିଯାଉଛି ପିଚୁ ଓ ଗୋଡ଼ି । ଅଟକଳ ଅନୁଯାୟୀ ମରାମତି କାର୍ଯ୍ୟ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ବିଭାଗୀୟ ଅଧିକାରୀମାନେ ଠିକାଦାର ସହ ମିଶି ନିମ୍ନମାନର କାର୍ଯ୍ୟ କରି ଅର୍ଥ ଆମ୍‌ସାତ ଉଦ୍ୟମ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି ।



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ପଞ୍ଚାୟତ ସଦର ଠାରୁ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୫୦୦ ମିଟର । ଦୀର୍ଘଦିନ ହେଲା ଉକ୍ତ ରାସ୍ତା ଏକ ପ୍ରକାର ମରଣଯନ୍ତା ପାଲଟି ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି ନିମନ୍ତେ ଲକ୍ଷାଧିକ ଟଙ୍କାର ଟେଣ୍ଡରରେ ଚାଲିଛି ମରାମତି କାର୍ଯ୍ୟ । କିନ୍ତୁ ରାସ୍ତାକୁ ଦେଖିଲେ ଠିକାଦାର କାର୍ଯ୍ୟ ବେଶ୍ ବୁଝା ପଡୁଛି । ଠିକାଦାରଙ୍କ ମନମୁତାବକ କାର୍ଯ୍ୟ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାସ୍ତାରେ ପିଚୁ ଢାଳିବା ପୂର୍ବରୁ ରାସ୍ତାକୁ ଭଲ ଭାବରେ ମାଟି ପକାଇ ସଫା କରିବା ନିୟମ ରହିଛି । ହେଲେ ଖାଲଖମାରେ ବଜୁରୀ ପକାଇ ତା' ଉପରେ ପିଚୁ ପକାଇ ରାସ୍ତା ନିର୍ମାଣ କରିଛନ୍ତି । ଯାହାକି ଦୁଇଦିନ ମଧ୍ୟରେ ରାସ୍ତା ଉପରୁ ଚେକାଚେକା ପିଚୁ ବାହାରି ପଡୁଛି । ରାସ୍ତାକୁ ଭଲ ଭାବରେ ଝାଡୁ କରି ତା ଉପରେ ଟେରାକଟ ବା ଜରା ପକାଇବା ପରେ ବଜୁରୀ ଓ ତାରୁ ଗୋଳାଇ ଢାଳି ରୋଲର ଦବାଇବା କଥା । ଗରମ ପିଚୁ ପଡିବା ସଙ୍ଗେ ସଙ୍ଗେ ଉକ୍ତ ରାସ୍ତା ଉପରେ ବାଲି କିମ୍ବା ପଥର ଡଷ୍ଟ ପକାଇବା ଜରୁରୀ ଥିବା ବେଳେ ରାସ୍ତା ଉପରେ କୌଣସି ଡଷ୍ଟ ବ୍ୟବହାର ହେଉନି । ଯେଉଁ କାରଣରୁ ଉକ୍ତ ରାସ୍ତା ଉପର ଦେଇ କୌଣସି ଭାରି ଯାନ ଯିବା ଆସିବା କଲେ ରାସ୍ତାରେ ବ୍ୟବହାର ହୋଇଥିବା ପିଚୁ ଉଠି ଯିବା ସମ୍ଭାବନା ରହିଛି । ସ୍ଥାନୀୟ ଗ୍ରାମବାସୀ ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଭାଲେରି ପିଚୁ ପକାଇବା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି । ତଦନ୍ତ କରିବା ପରେ ଯଦି ପିଚୁ ଉଠି ଯାଉଛି, ତାହା ହେଲେ ଠିକାଦାରଙ୍କୁ ପୁନର୍ବାର ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯିବ । ଏ ସମ୍ପର୍କରେ ଠିକାଦାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ୧୫ ପରସେଣ୍ଟ ଲେସ୍‌ରେ କାମ କରୁଛୁ । ଭଲ କାମ କଲେ ଆମେ କେମିତି ଚାଲିବୁ ବୋଲି ସେ କହିଛନ୍ତି ।



### ବିନା ମିଟର ରିଡିଂରେ ମନଇଚ୍ଛା ବିଲ୍

# ରାୟଗଡ଼ା ଜିଲ୍ଲା ସରପଞ୍ଚ ମହାସଂଘର ଦାବିପତ୍ର ପ୍ରଦାନ

ରାୟଗଡ଼ା,୨୫।୩(ସମିସ): ବିଭିନ୍ନ ଦାବି ନେଇ ରାୟଗଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛି ଜିଲ୍ଲା ସରପଞ୍ଚ ମହାସଂଘ । ଆଜି ଜିଲ୍ଲା ସରପଞ୍ଚ ମହାସଂଘ ସଭାପତି ତାମାରାଓ ବିଡିକା ଓ ସାଧାରଣ ସଂପାଦକ ଅଶୋକ କୁମାର ପୁଆଲାଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମପଞ୍ଚାୟତର ମହିଳା ଓ ପୁରୁଷ ସରପଞ୍ଚମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତ ହେତୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ସହ ଗ୍ରାମପଞ୍ଚାୟତ ଗୁଡିକରେ ଟାଟା ପାୱାର ପକ୍ଷରୁ ପ୍ରଦାନ କରାଯାଉଥିବା ଇଲେକ୍ଟ୍ରି ବିଲ୍ ଏବଂ ଟିଜିଏଫ (ଟାଇଡ୍ ଗ୍ରାଣ୍ଟ ଫଣ୍ଡ) ଓ ୟୁଜିଏଫ (ଅନ୍‌ଟାଇଡ୍ ଗ୍ରାଣ୍ଟ ଫଣ୍ଡ) ସ୍ଥାନାନ୍ତର ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସରପଞ୍ଚ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜିଲ୍ଲାର ୧୮୨ଗୋଟି ଗ୍ରାମ ପଞ୍ଚାୟତକୁ ଆସୁଥିବା ଟିଜିଏଫ ଫଣ୍ଡକୁ ଅନ୍ୟତ୍ର ପରିବର୍ତନ କରି ଇଲେକ୍ଟ୍ରି ବିଲ୍ ଜମା କରିବା ପାଇଁ ସରକାରଙ୍କ ଚିଠି ସଂଖ୍ୟା ୮୦୯୩/ ପିଆରଆଣ୍ଡଡିବ୍ଲ୍ୟୁ/୨୫/୦୩/୨୦୨୬ ମାଧ୍ୟମରେ ପ୍ରତ୍ୟେକ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଗ୍ରାମପଞ୍ଚାୟତର ଟିଜିଏଫ ପଣ୍ଡକୁ ଅନ୍ୟତ୍ର ପରିବର୍ତ୍ତନ କରି ବ୍ୟବହାର କରାଯାଇ ପାରୁଛି, ତେବେ ବର୍ଷ ବର୍ଷ ଧରି ପଡି ରହିଥିବା ୟୁଜିଏଫ ଫଣ୍ଡକୁ ମଧ ଅନ୍ୟତ୍ର ପରିବର୍ତ୍ତନ କରି ଗ୍ରାମପଞ୍ଚାୟତର ବୃହତର ସ୍ୱାର୍ଥ ଦୃଷ୍ଟିରୁ ବ୍ୟବହାର କରାଗଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଦର୍ଶାଇଛନ୍ତି । ସେହିପରି ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଟାଟା ପାୱାର ବିନା ମିଟର ରିଡିଂରେ ମନଇଚ୍ଛା ବିଲ ଦେଉଥିବା ଅଭିଯୋଗ ଆଣିଛି ମହାସଂଘ । ଏତଦ୍ ବ୍ୟତୀତ ଯେଉଁଠାରେ ମିଟର ବସିଛି, ସେଠାରେ ପ୍ରତ୍ୟେକ ମାସରେ ଆନୁମାନିକ ବିଲ୍ ଟାଟାପାୱାର କର୍ତୃପକ୍ଷ ଦେଉଛନ୍ତି । ଯଦ୍ୱାରା ପଞ୍ଚାୟତର ଉନ୍ନତୀମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥର ୪୦ ପ୍ରତିଶତ ଇଲେକ୍ଟ୍ରି ବିଲ୍ ପୈଠ କରିବାରେ ବ୍ୟବହାର ହେଉଛି । ଏହାପାଇଁ ଗ୍ରାମପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହେଉଥିବା ସରପଞ୍ଚମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ପୂର୍ବ ସରକାର ସମୟରେ ଯେପରି ଇଲେକ୍ଟ୍ରି ବିଲ୍ ପାଇଁ ସ୍ୱତନ୍ତ୍ର ବଜେଟ୍ ହୋଇଥିଲା । ସେହି ନିୟମାନୁସାରେ ଗ୍ରାମପଞ୍ଚାୟତକୁ ଅନୁଦାନ ଦିଆଯାଉ ବୋଲି ମହାସଂଘ ଦାବି କରିବା ସହ ସମସ୍ୟାଗୁଡିକକୁ ବିଚାରକୁ ନେଇ ପଞ୍ଚାୟତର ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ମହାସଂଘ ସାଧାରଣ ସଂପାଦକ ଅଶୋକ କୁମାର ପୁଆଲା ଜଣାଇଥିବା ବେଳେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମସ୍ତ ସରପଞ୍ଚ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସଭାପତି ତାମାରାଓ ବିଡିକା କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ପିପିଲଗୁଡା ସରପଞ୍ଚ ରେଣୁକା ମଣ୍ଡାଙ୍ଗି, ଜେମାଦେଇପେଣ୍ଟି ସରପଞ୍ଚ ମିତା ପୁଆଲା, ଢ଼ଙ୍ଗାଲୋଡି ସରପଞ୍ଚ ଗଙ୍ଗାଧର କାଡ୍ରକା, ମୁନିଗୁଡା ବ୍ଲକ ସରପଞ୍ଚ ସଂଘ , କାଶୀପୁର ବ୍ଲକ ଓ ଅନ୍ୟାନ୍ୟ ବ୍ଲକ ସଂଘ ସଦସ୍ୟ ମାନେ ଉପସ୍ଥିତ ଥିଲେ ।



### ୟୁଜିଏଫ୍ ଅନୁଦାନ ପଞ୍ଚାୟତ ପାଇଁ ଖର୍ଚ୍ଚ ହେଉ

● ମାସିକ ଚାଉଳ ବାଟମାରଣା ଘଟଣା

# କାର୍ଯ୍ୟାନୁଷ୍ଠାନ ଶୂନ୍; ହିତାଧିକାରୀ ହତାଶ

କାଳିମେଳା,୨୫।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତରେ ହିତାଧିକାରୀଙ୍କ ମାସିକ ଚାଉଳ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି । ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପରେ ମଧ ଚେତିଲାନି ବ୍ଲକ ପ୍ରଶାସନ । ଫଳରେ ଚାଉଳରୁ ବଞ୍ଚିତ ହିତାଧିକାରୀ ହତାଶ ହୋଇଛନ୍ତି । ସୂଚନା ମୁତାବକ ଉକ୍ତ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ପିଡିଏସ୍ ବ୍ୟବସ୍ଥାରେ ଗତ ଜୁନ ମାସରେ ଯୋଗାଇ ଦିଆଯିବା ପାଇଁ ଆସିଥିବା ଚାଉଳକୁ ତତ୍କାଳୀନ ଯୋଗାଣ ସହାୟକ ରଘୁ ବଡ଼ନାୟକ ହିତାଧିକାରୀଙ୍କୁ ପ୍ରଦାନ ନ କରି ରାସନ୍ କାର୍ଡ ଖାତାରେ ପ୍ରଦାନ କରାଯାଇଥିବା ଦର୍ଶାଇ ହରିଲୁଟ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଏ ସମ୍ପର୍କିତ ରିପୋର୍ଟ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା । ଖବର ପ୍ରକାଶିତ ହେବା ପରେ କାଳିମେଳା ବିଡିଓ ବ୍ଲକ୍ ଯୋଗାଣ ନୀରିକ୍ଷକ ଚିନ୍ମୟ ସାହୁଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯୋଗାଣ ନିରୀକ୍ଷକ ଏହାର ତଦନ୍ତ କରି ଉକ୍ତ ପଞ୍ଚାୟତର ଯୋଗାଣ ସହାୟକଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ମୋଟୁ ପଞ୍ଚାୟତକୁ ବଦଳି କରିଥିଲେ । ଉକ୍ତ ହିତାଧିକାରୀ ମାନଙ୍କୁ ସେମାନଙ୍କର ମାସିକ ଚାଉଳ ଅତି ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ଏହାରି ଭିତରେ ମାସ ମାସ ବିତିଗଲେ ମଧ ହିତାଧିକାରୀ ମାନଙ୍କୁ ସେମାନଙ୍କର ମାସିକ ଚାଉଳ ଦିଆଯାଇନଥିବା ଅଭିଯୋଗ ହୋଇଛି । ବିଡିଓଙ୍କ ତାଗିଦ୍ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ବୋଲି ହିତାଧିକାରୀ ମାନେ କହିଛନ୍ତି । ଅଧିକାରୀ ମାନେ ହିତାଧିକାରୀଙ୍କୁ ପଞ୍ଚାୟତରେ ଚାଉଳ ଆସିଲେ ଉକ୍ତ ମାସର ଚାଉଳ ପ୍ରଦାନ କରାଯିବ ବୋଲି କହୁଥିବା ବେଳେ ପଞ୍ଚାୟତରେ ଗଲେ ଷ୍ଟକ୍ ନଥିବା କହୁଛନ୍ତି ବୋଲି ଅଭିଯୋଗ ହୋଇଛି । ତଦନ୍ତ ପରେ ମଧ ଉକ୍ତ ଚାଉଳ ପ୍ରଦାନ ନ କରିବା ପଛରେ କେଉଁ ଅଧିକାରୀଙ୍କ ହାତ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଯୋଗାଣ ନିରୀକ୍ଷକଙ୍କ କାଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏ ସମ୍ପର୍କରେ କାଳିମେଳା ବିଡିଓ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଘଟଣାର ପୁନଃ ତଦନ୍ତ ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ତେବେ ହିତାଧିକାରୀଙ୍କୁ କେବେ ନ୍ୟାୟ ମିଳିବ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି ।



## ଅଟକି ଯାଇଛି ଦଧିବାମନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ

# ମନ୍ଦିର ଶିଖରରେ ଗଛ ଉଠିବାକୁ ନେଇ ଉଦ୍‌ବେଗ



ମୁନିଗୁଡା,୨୫।୩(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଅଞ୍ଚଳରେ ନିର୍ମାଣାଧୀନ ଦଧିବାମନ ମନ୍ଦିର ପ୍ରତିଷ୍ଠା ବିଳମ୍ବକୁ କେନ୍ଦ୍ର କରି ଏବେ ଅଞ୍ଚଳରେ ଅନିଶ୍ଚିତତା ଓ ଚର୍ଚ୍ଚା ବଢିବାରେ ଲାଗିଛି। ଦୀର୍ଘଦିନ ଧରି ପ୍ରତିଷ୍ଠା କାର୍ଯ୍ୟ ଅଟକି ରହିଥିବା ବେଳେ ମନ୍ଦିର ଶିଖର ଉପରେ ବଟ ଓ ଅଶ୍ୱସ୍ଥ ବୃକ୍ଷ ଉଠିବା ଘଟଣା ଲୋକମାନଙ୍କ ଆଶଙ୍କାକୁ ଆହୁରି ଦୃଢ କରିଛି। ମନ୍ଦିର ନିର୍ମାଣ କାମ ପ୍ରାୟ ସମାପ୍ତ ହୋଇଥିଲେ ସୁଦ୍ଧା ପ୍ରତିଷ୍ଠା କାର୍ଯ୍ୟ କେବେ ହେବ ସେନେଇ କୌଣସି ସ୍ପଷ୍ଟ ଘୋଷଣା ହୋଇନାହିଁ। ଏହା ସହିତ ମନ୍ଦିର ଉପରେ ଗଛ ଉଠିବାକୁ କେତେକ ଲୋକ ଅଶୁଭ ସଙ୍କେତ ଭାବେ ନେଉଥିବା ବେଳେ ଗ୍ରାମରେ ବିଭିନ୍ନ ପ୍ରକାର ଚର୍ଚ୍ଚା ଜୋର ଧରିଛି। ଗତ କିଛି ମାସ ଧରି ଅଞ୍ଚଳରେ ହତ୍ୟା, ଚୋରି ଓ ଡକାୟତି ପରି ଅପରାଧିକ ଘଟଣା ବୃଦ୍ଧି ପାଇଥିବାରୁ କେହି କେହି ଏହାକୁ ମନ୍ଦିର ପ୍ରତିଷ୍ଠା ବିଳମ୍ବ ସହ ଯୋଡି ଦେଉଛନ୍ତି। ଯଦିଓ ଏହାପାଇଁ ପ୍ରମାଣିକ ତଥ୍ୟ ନାହିଁ। ତଥାପି ଗ୍ରାମବାସୀଙ୍କ ମନରେ ଭୟ ଓ ଅନ୍ଧବିଶ୍ୱାସ ଦିନକୁ ଦିନ ବଢୁଥିବା ଦେଖାଯାଉଛି। ସେପଟେ ମନ୍ଦିର ପ୍ରତିଷ୍ଠାରେ ବିଳମ୍ବ ଯୋଗୁଁ ଅସନ୍ତୋଷ ବଢୁଛି। ଅଞ୍ଚଳର ସଚେତନ ନାଗରିକ ଭିକାରୀ ନାହାକ, ଜଗନ୍ନାଥ ପ୍ରସାଦ ଓ ରଜନୀକାନ୍ତ ପୋଡ଼ାଲ ଏହି ଧାରଣାକୁ ଖଣ୍ଡନ କରି କହିଛନ୍ତି ଯେ, ଅପରାଧ ବୃଦ୍ଧି ପଛରେ ସାମାଜିକ ଓ ପ୍ରଶାସନିକ କାରଣ ଦାୟୀ। ମନ୍ଦିର ପ୍ରତିଷ୍ଠା ବିଳମ୍ବ ସହ ଏହାକୁ ଯୋଡିବା ଉଚିତ୍ ନୁହେଁ। ତଥାପି ଧାର୍ମିକ ଭାବନାକୁ ସମ୍ମାନ ଦେଇ ଶୀଘ୍ର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପରିସ୍ଥିତିରେ ମନ୍ଦିର କମିଟି ଓ ସ୍ଥାନୀୟ ପ୍ରଶାସନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠୁଛି। ମନ୍ଦିର କମିଟି ସଭାପତି ଶେଖର ଯୋଶୀଙ୍କୁ ଏନେଇ ପଚାରିବାରୁ ସେ କହିଥିଲେ, ଏହା ଏକ ସମୂହ ନିଷ୍ପତ୍ତି, ମୋର ବ୍ୟକ୍ତିଗତ ଭୂମିକା ନାହିଁ, କମିଟି ଏହାକୁ ନିଷ୍ପତ୍ତି ନେବ। ଅନ୍ୟପଟେ ଅଞ୍ଚଳର ବୁଦ୍ଧିଜୀବୀ ବି.ଭେଙ୍କେଟସ୍ୱର ପାତ୍ର, ସାମାଜିକ କର୍ମୀ ମୋହନ ସାହୁ ଓ ଧୀରେନ୍ଦ୍ର ପାଣିଗ୍ରାହୀ, ରାମପ୍ରକାଶ କରକରିଆ କହିଛନ୍ତି ଯେ, ରାଜନୀତି, ଜାତି ଓ ବର୍ଣ୍ଣ ଉପରେ ଉଠି ସମସ୍ତେ ଏକମତ ହୋଇ ଆଗେଇ ଆସିଲେ ଖୁବ ଶୀଘ୍ର ମନ୍ଦିର ପ୍ରତିଷ୍ଠା ସମ୍ଭବ। ତେବେ ବିଷୟରେ କମିଟି ସମ୍ପାଦକ କେ.ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କୁ ନେଇ ମନ୍ଦିର ପ୍ରତିଷ୍ଠା ବିଷୟରେ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସମାଧାନ ହୋଇ ପାରୁନି ବୋଲି କହିଛନ୍ତି। ତେବେ ଏହି ପରିପ୍ରେକ୍ଷିତରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କେବେ ସମ୍ପନ୍ନ ହେବ ଓ ମନ୍ଦିର ଉପରେ ଗଜିଉଠିଥିବା ଗଛଗୁଡିକୁ କେବେ ହଟାଯିବ, ସେନେଇ ସ୍ପଷ୍ଟ ସମୟସୀମା ଘୋଷଣା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ଗୁଡାରୀ,୨୫।୩(ସମିସ): ରାୟଗଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁଡ଼ାରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ଶବର, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବ୍ଲକ ଖାଉଟି ବିଭାଗ ଅଧିକାରୀ ସୁପ୍ରୀୟ ସମ୍ବିତ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଦାନନ୍ଦ ସାହୁ, ପି.ଏ ମନୋଜ କୁମାର ମିଶାଲ ତଥା ସମସ୍ତ କର୍ମଚାରୀ ବୃନ୍ଦ ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଥିଲେ। ଶିବିରରେ ୨୬୬ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ଜଣଙ୍କୁ ଚକ ଲଗା ଚୌକି ପ୍ରଦାନ କରାଗଲା। ଏତତ୍‌ବ୍ୟତୀତ, ୫ ଜଣଙ୍କ ଡିଆରଆଇ ଋଣ ଫର୍ମ, ୧୩ଟି ବର୍ଦ୍ଧିତ ଭତ୍ତା, ୧୯ ଜଣଙ୍କ ମଧୁବାବୁ ଭତ୍ତା ଫର୍ମ ଓ ୮ ଜଣଙ୍କ ବସ୍ ପାସ ଫର୍ମ ସଂଗ୍ରହ କରାଯାଇଛି। ଯାହା ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ତରଫରୁ ଅନୁମୋଦନ କରାଯିବ। ଶିବିରରେ ୭୦ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ। ପରିତାପର ବିଷୟ ବ୍ଲକ୍ ପରିସରରେ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରାଯାଇଥିଲେ ମଧ୍ୟ ଫେନ୍‌ର ବ୍ୟବସ୍ଥା ନଥିବା ଯୋଗୁଁ ପଞ୍ଚାୟତ ଗୁଡିକରୁ ଆସିଥିବା ରୋଗୀ ଅସହ୍ୟ ଗରମ ଗୁଳଗୁଳିରେ ଛଟପଟ ହୋଇଥିବା ଦେଖିବାକୁ ମିଳିଛି। ଏମିତିକି ଜିଲ୍ଲା ମହକମାରୁ ଆସିଥିବା ଡାକ୍ତରମାନଙ୍କ ପାଇଁ ଫ୍ୟାନ୍‌ର ବ୍ୟବସ୍ଥା ନ ଥିବା ବ୍ଲକ୍ କର୍ମଚାରୀ ଜାଣିବା ପରେ ସ୍ଥାନ ପରିବର୍ତ୍ତନ କରାଯାଇଥିଲା । ଏଣୁ ପ୍ରଶାସନ ଆଗାମୀ ଦିନରେ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ଗୁଡାରୀ ବ୍ଲକ୍‌ରୁ ରୋଗୀଙ୍କୁ ନେଇ ଆସିଥିବା ସମ୍ପର୍କୀୟ କହିଛନ୍ତି।

## ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ

**ବର୍ଷେ ପରେ ନିଯୁକ୍ତି**

ଜୟପୁର, ୨୫ ।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ନୂତନ ଭିଜିଲାନ୍ସ ଜଜ୍ ଭାବେ ମାନସ କୁମାର ପଣ୍ଡା ଦାୟୀତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ଏକ ବର୍ଷପରେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୨୦୨୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍କାଳୀନ ଭିଜିଲାନ୍ସ ଜଜ୍ ଜୟପୁର ସ୍ୱତନ୍ତ୍ର କୋର୍ଟରୁ ଅବସର ଗ୍ରହଣ କରିବା ପରେ ନୂତନ ଜଜ୍‌ଙ୍କୁ ନିଯୁକ୍ତି ହୋଇନଥିଲା। ଗତ ସୋମବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶ୍ରୀ ପଣ୍ଡା ଦାୟୀତ୍ୱ ଗ୍ରହଣ କରିବା ପରେ ଦୀର୍ଘ ଦିନ ଧରି କୋର୍ଟରେ ରହିଥିବା ବହୁ ମାମଲାର ବିଚାରଣା ଅତିଶୀଘ୍ର ଆରମ୍ଭ ହେବା ସହିତ ଶୁଣାଣି ଓ ରାୟ ପ୍ରକାଶ ପାଇବ ବୋଲି ଆଇନଜୀବୀ ଏବଂ ମହକିଲ ଆଶ୍ୱସ୍ତ ପ୍ରକଟ କରିଛନ୍ତି।

## ଜଗତ୍‌ଜନନୀ ଠାକୁରାଣୀଙ୍କ ସହର ପରିକ୍ରମା ଆରମ୍ଭ



ଉମରକୋଟ,୨୫।୩(ସମିସ): ମା' ଜଗତଜନନୀ ଠାକୁରାଣୀଙ୍କ ଘଣ୍ଟଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ମାଁ ଜଗତଜନନୀ ଠାକୁରାଣୀ ଶାଶୁ ଘରୁ ମାଁ ଘରକୁ ନଅ ଦିନ ପାଇଁ ବୁଲିବାକୁ ଆସିଥାନ୍ତି। ସୋମବାର ଆସି ମଙ୍ଗଳବାର ଦିନ ବିଶ୍ରାମ ନେଇ ପୁଣି ବୁଧବାର ଦିନ ପ୍ରଥମେ ମାଁ ଘରେ ପୂଜା ପାଇ ସହରର ଘରେ ଘରେ ବୁଲିଥାନ୍ତି। ଚୈତ୍ର ପ୍ରତିପଦା ତିଥି ଅର୍ଥାତ୍ ମାଁଙ୍କ ଚୈତ୍ର ବାସନ୍ତୀ ନବରାତ୍ରି, ଯେଉଁ ଦିନ ଆରମ୍ଭ ହୋଇଥାଏ। ତାର ପରବର୍ତ୍ତୀ ସମୟରେ ଯେଉଁ ପ୍ରଥମ ସୋମବାର ପଡିଥାଏ। ସେହିଦିନଠାରୁ ମାଁଙ୍କ ଏହି ଘଣ୍ଟଯାତ୍ରା ବା କଳସ ଯାତ୍ରା ପର୍ବ ଆରମ୍ଭ ହୋଇ ଉମରକୋଟ ଠାରେ ବହୁ ପୁରାତନ କାଳରୁ ପରମ୍ପରା ରହିଆସିଛି। ଏହି ଯାତ୍ରାରେ ନଅଦିନ ଧରି ୯ଗୋଟି ଘଣ୍ଟ ଓ ଗୋଟିଏ ଫୁଲ ଚାଙ୍ଗୁଡି ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି। ମାଁ ଜଗତଜନନୀ ଠାକୁରାଣୀ ସହର ପରିକ୍ରମା ଆରମ୍ଭରେ ପ୍ରଥମେ ଭିତରଗଡଠାର ଥିବା ମୁଖ୍ୟ ପୂଜକ ଭୁବନ ପୂଜାରୀଙ୍କ ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ମାଁ ପେଣ୍ଠ୍ରାଣୀଙ୍କ ପୂଜାରୀଙ୍କ ଘରେ ପୂଜା ପାଇ ମାଁ ଜଗତଜନନୀ ଠାକୁରାଣୀଙ୍କ ସହର ପରିକ୍ରମା ଆରମ୍ଭ ହୋଇଥିଲା। ଏହି ସମୟରେ ପୂଜା କମିଟିର ସଭାପତି ବିନୋଦ କେଶରୀ ସିଂ, କୋଷାଧ୍ୟକ୍ଷ ନେତ୍ର ହରିଜନ, ସମ୍ପାଦକ କାଉନସିଲ ମନୋଜ କୁମାର ନାୟକ, ଉପସଭାପତି ପି ଆଶିଷ ରାଓଙ୍କ ସହ ପୂର୍ବତନ ନଗରପାଳ ପି ରାବଣା ରାଓ, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ସାଂସଦ ପ୍ରତିନିଧି ରାମ ନାୟକ, ରଜତ ସାନ୍ତ୍ରା, ଅଶୋକ ବେବର୍ତ୍ତା, ସାମ୍ବାଦିକ, ସହର ସମସ୍ତ ବୁଦ୍ଧିଜୀବୀ ଓ ଜଗତଜନନୀ ମାଁ ଠାକୁରାଣୀ ପୂଜା କମିଟିର ସମସ୍ତ ସଦସ୍ୟ ବାରପାଲି ଗାଁର ରଇତ, ଶିରା, ପୂଜାରୀଙ୍କ ସହ ପୁରୁଣା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର/କୋଷାଗୁମୁଡ଼ା,୨୫।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ସରକାରୀ ସ୍ନାତକ ମହାବିଦ୍ୟାଳୟ ଠାରେ ବାଲ୍ୟବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ ଜାଲଙ୍କ ସଭାପତିତ୍ୱରେ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରବୀନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହର ବର୍ତ୍ତମାନ ପରିସ୍ଥିତି, ଏହାର କୁପ୍ରଭାବ ଓ ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ଶକ୍ତିଶ୍ରୀ ସଂଯୋଜିକା ବିଜୟଲକ୍ଷ୍ମୀ ଦେଶରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ଗୁଡାରୀ,୨୫।୩ (ସମିସ): ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଗୁଡାରୀ ଗ୍ରାମୀଣ ତରଫରୁ ପରିଷଦର କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ବନମାଳୀ ଗମାଙ୍ଗ, ସମ୍ପାଦକ ତରୁଣ ଗରଡ଼ିଆ, ଜିଲ୍ଲା ସଭାନେତ୍ରୀ ଗୌରୀ ମଣ୍ଡାଙ୍ଗୀ, ଜିଲ୍ଲା ଉପସଭାପତି ଶ୍ରୀନିବାସ ସ୍ୱାଇଁ, ପୂର୍ବତନ ଉପସଭାପତି ଉଦୟ ପାଢ଼ୀ, ବକ୍ତା ୟ୍ୱାଇ. ଗଣପତି ପ୍ରଶିକ୍ଷଣ ଶିବିରରେ ଯୋଗ ଦାନ କରିଥିଲେ। ସମସ୍ତ ପଞ୍ଚାୟତରୁ ବିଜେପି କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ମଣ୍ଡଳ ସଭାପତି ଅନନ୍ତ ନାରାୟଣ ଦେଓ ନେତୃତ୍ୱ ନେଇଥିବାବେଳେ ପରିଷଦ ତରଫରୁ ନଗର ମଣ୍ଡଳ ସଭାପତି ଜଗଦୀଶ ନାୟକ, ସମ୍ପାଦକ ରଞ୍ଜନ ଶତପଥି, ସାଧାରଣ ସମ୍ପାଦନ ଜିତୁ ନନ୍ଦ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ , ଜିଲ୍ଲା ଏବଂ ରାଜ୍ୟରୁ ବିଜେପି ମଣ୍ଡଳ ଅଧିକାରୀ ଉପସ୍ଥିତ ଥିଲେ। ନଗର ତରଫରୁ ଦୁଇଦିନ କାର୍ଯ୍ୟକ୍ରମ ଗୁଡାରୀ ବସଷ୍ଟାଣ୍ଡ ଅବସ୍ଥିତ ଅତିଥି ଗୃହରେ ଅନୁଷ୍ଠିତ ହୋଇଥିଲା।

# ଗୋଟିଏ ପରିବାରରେ ତିନି ଦିବ୍ୟାଙ୍ଗ

### ବଡ଼ ପୁଅ ଉପରେ ୪ ଜଣଙ୍କ ଦାୟିତ୍ୱ



ନନ୍ଦପୁର,୨୫।୩ (ସମିସ): ଗୋଟିଏ ପରିବାର ତିନି ଭାଇ ଦିବ୍ୟାଙ୍ଗ । ଏହି ପରିବାର ହେଉଛନ୍ତି ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଗ୍ରାମପଞ୍ଚାୟତ ଅଧୀନସ୍ଥ କଟ୍ରାଗୁଡା ଗ୍ରାମର ବିଧବା ରାଧା ଖିଲଙ୍କ ପରିବାର। ରାଧା ମା'ଙ୍କ ୪ ପୁଅଙ୍କ ମଧ୍ୟରେ ତିନି ପୁଅ ବିକଳାଙ୍ଗ। ଜନ୍ମରୁ ତିନି ପୁଅ ବିକଳାଙ୍ଗ। ଜନ୍ମ କର୍ମ ଓ ଭାଗ୍ୟକୁ ଆଦରି ମା' ରାଧା ବହୁ ଦୁଃଖକଷ୍ଟରେ ସେମାନଙ୍କୁ ପାଳନ କରୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ବଡ଼ ପୁଅ ଭୁବନ ଖିଲଙ୍କ ମୁଣ୍ଡ ଉପରେ ପରିବାରର ପ୍ରତିପୋଷଣ ବୋଝ। ତିନି ବିକଳାଙ୍ଗ ପିଲାଙ୍କୁ ଗାଁ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଇ ଥିବାବେଳେ ଉଚ୍ଚ ଶିକ୍ଷା ପାଇଁ ସାମର୍ଥ୍ୟ ଜୁଟାଇ ନାହାନ୍ତି ବିଧବା ରାଧା ମା । ପରିବାର ଜୀବନ ଜୀବିକା କହିଲେ ତତ୍କାଳୀନ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କଫି ଚାଷ ଜମି । ସେଥିରେ ଯାହା ଉପାର୍ଜନ ହେଲା, ତହିଁରେ ଚଳୁଛନ୍ତି ପରିବାର। ଦିନ ତମାମ ସମସ୍ତେ କଫି ବାଡ଼ରେ କାମ କରି ଜୀବିକା ନିର୍ବାହ କରନ୍ତି। ସରକାରୀ ଯୋଜନା କହିଲେ, କେବଳ ପିଡିଏସ ଚାଉଳ ମୁଠାଏ। ତିନି ଭାଇଙ୍କୁ ସରକାରୀ ପେନସନ। ଏପରି ବିକଳାଙ୍ଗ ପରିବାର ପ୍ରତି ସରକାର ଓ ପ୍ରଶାସନ ଦୃଷ୍ଟି ଦେଇ ସ୍ୱତନ୍ତ୍ର ସହଯୋଗ କରିବାକୁ ଦାବି ହେଉଛି।

## ହିକିମପୁଟ ସେବାଶ୍ରମରେ ଅଗ୍ନିନିର୍ବାପଣ ସଚେତନତା



**ନନ୍ଦପୁର,୨୫।୩(ସମିସ):** ଅଗ୍ନିକାଣ୍ଡ ସମୟରେ ସୁରକ୍ଷା ଓ ଉଦ୍ଧାର ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୁଧବାର ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ସେବାଶ୍ରମ ପରିସରରେ ଅଗ୍ନିନିର୍ବାପଣ ସଚେତନତା କାର୍ଯ୍ୟକ୍ରମ ଓ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ନନ୍ଦପୁର ଅଗ୍ନିଶମ କେନ୍ଦ୍ରର କେନ୍ଦ୍ରାଧିକାରୀ ହେମନ୍ତ ସାମଲଙ୍କ ଅଧ୍ୟକ୍ଷତାରେ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅଗ୍ନିଶମ କର୍ମୀମାନେ ତଥା ନୀଳାଚଳ ନାହାକ, ପ୍ରକାଶ କୁସନ୍, ରଞ୍ଜନ ମଲ୍ଲିକ, ଜଗନ୍ନାଥ ଦୋଲେଇ, ଅମିତ୍ କୁମାର ଦାସ ପ୍ରମୁଖ ଅଗ୍ନିକାଣ୍ଡ ସମୟରେ କିପରି ଶାନ୍ତ ରହିବା, ସୁରକ୍ଷିତ ଭାବେ ଭବନ ଛାଡ଼ିବା, ଅଗ୍ନିନିବାରକ ଯନ୍ତ୍ର ବ୍ୟବହାର ପ୍ରଣାଳୀ ଓ ପ୍ରାଥମିକ ସୁରକ୍ଷା ବିଧି ବିଷୟରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମକ୍ ଡ୍ରିଲ୍ ସମୟରେ ଆକସ୍ମିକ ଅଗ୍ନିକାଣ୍ଡ ପରିସ୍ଥିତି ସୃଷ୍ଟି କରାଯାଇ ଛାତ୍ରୀମାନଙ୍କୁ ଶିକ୍ଷକମାନଙ୍କ ନେତୃତ୍ୱରେ ଶୃଙ୍ଖଳାବଦ୍ଧ ଭାବେ ବାହାରକୁ ନିଷ୍କାଶନ କରାଯାଇଥିଲା। ଏଥିପାଇଁ ସୁରକ୍ଷିତ ସଂଗ୍ରହ ସ୍ଥଳ ଚିହ୍ନଟ କରି ସମସ୍ତଙ୍କୁ ସେଠାରେ ଏକତ୍ରିତ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାମଲ ଏପରି ପ୍ରଶିକ୍ଷଣ ଛାତ୍ରୀମାନଙ୍କୁ ଆପଦ ସମୟରେ ସଚେତନ ଓ ସାହସୀ ଭାବେ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟ ପକ୍ଷରୁ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କରେ କରାଯିବା ଉଚିତ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସମସ୍ତ ଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ନୂଆ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କଲ୍ୟାଣସିଂହପୁର,୨୫।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ନୂତନ ଥାନା ଅଧିକାରୀ କଳ୍ପନା ବେହେରାଙ୍କୁ ବୁଧବାର ଦିନ ମାଝୀଗୁଡା (ଶିକାରପାଇ) ମଣ୍ଡଳ ସଭାପତି ଅନିଲ କୁମାର ଜାଡି ଓ ଭାଜପାର କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଇଆଇସି ସହ ଆଲୋଚନା ମଧ୍ୟ କରିଥିଲେ। ସେ ପୂର୍ବରୁ ଅମ୍ବଦଳା ଥାନା ଆଇଆଇସି ଭାବରେ କାର୍ଯ୍ୟ ତୁଲାଇ ଆସିଛନ୍ତି । କଲ୍ୟାଣସିଂହପୁରରୁ ଥାନାରେ କାର୍ଯ୍ୟରତ ଆଇଆଇସି ନୀଳକଣ୍ଠ ବେହେରାଙ୍କ କାଶୀପୁର ଦୋରାଗୁଡା ଥାନାକୁ ବଦଳି କରାଯାଇଛି। ମାଝୀଗୁଡ଼ା ଭାଜପାର ବିନାୟକ କୁଲିଶିକା, ଏନ.ଜେନାର୍ଧନ ରାଓ, ମନୋଜ କୁମାର ସେଠୀ, ରାମରାଓ କୁଲିଶିକା, କେଶରୀ ଭତ୍ରା, ସୋ ମାଝୀଗୁଡା ମଣ୍ଡଳର ସମସ୍ତ କର୍ମକର୍ତା ଉପସ୍ଥିତ ରହିଥିଲେ।

## ଟିକମାଇଙ୍କ ପରିବାର ପାଇଁ ଆବାସ ଯୋଜନା ସାତସପନ



ପାପଡାହାଣ୍ଡି,୨୫।୩(ସମିସ): ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକେ ଏହି ସବୁ ଯୋଜନାର ଲାଭ ଉଠାଇ ଉପକୃତ ହେବେ ଏବଂ ଅଞ୍ଚଳର ମଧ୍ୟ ବିକାଶ ହେବ। କିନ୍ତୁ ପାପଡାହାଣ୍ଡି ସଦର ପଞ୍ଚାୟତ ମିରିଗୁଡା ଗ୍ରାମର ଟିକମାଇ ଜାନି, ସ୍ୱାମୀ ସୁଦୁ ଜାନିଙ୍କ କ୍ଷେତ୍ରରେ ସରକାରୀ ଯୋଜନା ସାତ ସପନ । ପରିବାରରେ ସରକାରୀ ସୁବିଧା କହିଲେ, ମାସକୁ କେବଳ ପଞ୍ଚାୟତରୁ ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି । କିନ୍ତୁ ସେ ବହୁବାର ନିଜ ପାଇଁ ଏକ ଆବାସ ଗୃହ ପାଇଁ ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ମିଳୁନାହାଁ ଆହୁରି କେତେ ବର୍ଷ ପରେ ତାଙ୍କୁ ଆବାସ ଗୃହ ମିଳିବ ବୋଲି ସେ ଚାହିଁ ରହିଛନ୍ତି। ସେ ଜଣେ ଅସହାୟ । ତାଙ୍କର ଘର ଝାଟି ମାଟିରେ ତିଆରି ଛଣ ଛପର। ଯାହାର ଅବସ୍ଥା ନ କହିବା ଭଲ। ଅଳ୍ପ ବର୍ଷା କିମ୍ବା ପବନ ହେଲେ ପରଘର ବାରଣ୍ଡାରେ ଆଶ୍ରୟ ନେବାକୁ ତାଙ୍କୁ ପଡୁଥିବା ସେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। କେବଳ ଏହି ଟିକମେଇଙ୍କ ପରିବାର ନୁହନ୍ତି, ଅଞ୍ଚଳରେ ବହୁତ ଗରିବ ପରିବାର ଏଭଳି ଭାବେ ରହୁଥିବା ବେଳେ ପ୍ରଶାସନ ତୁରନ୍ତ ସେହି ପରିବାରକୁ ଚିହ୍ନଟ କରି ତୁରନ୍ତ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

### ଯୋଗଦେଲେ ଦେବାଶିଷ ମହାନ୍ତି



**ଦାମନଯୋଡି,୨୫।୩(ସମିସ):** ନାଲ୍‌କୋ ପକ୍ଷରୁ ଟାଉନ୍‌ସିପ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ) ଓ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ଅତିଥି ଅମରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା ଓ ସୁଗାତୋ ଆନନ୍ଦ ବାସୁ, ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି, ଡିପିଏସ୍ ଅଧ୍ୟକ୍ଷା ସୁଶ୍ରୀ ସୁଜାତା ପାଣି ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କ୍ରୀଡ଼ାର ମହତ୍ତ୍ୱ ଓ ନୂତନ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷଣ ଉପରେ ଅତିଥି ଗଣ ଗୁରୁତ୍ୱାରୋପ କରିଥିଲେ। ଡିପିଏସ୍ ଖେଳ ପଡ଼ିଆରେ ଉଦ୍‌ଘାଟିତ ଶିବିରରେ ଦୁଇ ସ୍କୁଲର ୭୫ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଖେଳାଳୀ ତଥା ନାଲ୍‌କୋ ଏଜିଏମ (କ୍ରୀଡ଼ା)ଦେବାଶିଷ ମହାନ୍ତି ଶିବିରାର୍ଥିଙ୍କୁ କ୍ରିକେଟ୍ ଖେଳର ବିଭିନ୍ନ କୌଶଳ ଶିକ୍ଷା ଦେଉଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏସନର ମନୋଜ ବିଶ୍ୱାଳ (ଫିଟନେସ କୋଚ୍) କ୍ରୀଡ଼ା ପାଇଁ ଫିଟ୍‌ନେସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିପିଏସର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଅଞ୍ଜନା କୁମାରୀ ଓ ଶାରୀରିକ ଶିକ୍ଷା ଶିକ୍ଷକ ନବକିଶୋର ପଣ୍ଡା, ସରସ୍ୱତୀ ବିଦ୍ୟାମନ୍ଦିରର ଶାରୀରିକ ଶିକ୍ଷାଶିକ୍ଷକ ଡ. ନିରୋଦ କୁମାର ପ୍ରଧାନ ଶିବିର ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଏହି କ୍ରିକେଟ୍ ପ୍ରଶିକ୍ଷଣ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବା କାର୍ଯ୍ୟକ୍ରମ ରହିଛି।

## ପଡ଼ୋଶୀ ଆନ୍ଧ୍ରରେ ଝଟକୁଛି ସରକାରୀ ବିଦ୍ୟାଳୟ

# ଜରାଜୀର୍ଣ୍ଣ ଅବସ୍ଥାରେ ସୀମାନ୍ତ ଚାଟୁଆ ଉଚ୍ଚ ବିଦ୍ୟାଳୟ



ନନ୍ଦପୁର,୨୫।୩ (ସମିସ): ଶିକ୍ଷା ବିକାଶ, ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ନେଇ ସରକାର ପ୍ରତି ଗ୍ରାମପଞ୍ଚାୟତରେ ସ୍କୁଲ ତ ଖୋଲିଛନ୍ତି । ହେଲେ ଭିତ୍ତିଭୂମିର ବିକାଶ ହେଉଛି ନା ବିଦ୍ୟାଳୟର ପରିସର ଉନ୍ନତି। ଏହାକୁ ପ୍ରଶାସନିକ ଅବହେଳା, ଉଦାସୀନତା କୁହାଯିବ ନା ଅଞ୍ଚଳବାସୀଙ୍କ ଆନ୍ତରିକତା ଅଭାବ ସେ ନେଇ ଆଲୋଚନା ହେଉଛି। ନନ୍ଦପୁର ବ୍ଲକରେ ଆନ୍ଧ୍ର ସୀମାନ୍ତ ବିଦ୍ୟାଳୟ ଗୁଡ଼ିକ ଅବସ୍ଥା କିଛି ଭଲ ନଥିବା ଦେଖିବାକୁ ମିଳିଛି। ନନ୍ଦପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ଚାଟୁଆ ଗ୍ରାମପଞ୍ଚାୟତରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୨୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଯେତିକି ରହିବା କଥା, ତାଠାରୁ କମ୍ ରହିଛନ୍ତି। ଯାହା ପାଠପଢାରେ ମଧ୍ୟ ବାଧା ସୃଷ୍ଟି ହେଉଛି । ଗତ କିଛି ବର୍ଷ ହେବ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଛି। ପ୍ରତି ଉଚ୍ଚ ବିଦ୍ୟାଳୟରେ ବୈଶିକ ଜ୍ଞାନ ଶିକ୍ଷା ନିମନ୍ତେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଇଥିବା ବେଳେ ଚାଟୁଆ ଉଚ୍ଚ ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟର ଲ୍ୟାବ୍ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ସେପଟେ ବିଦ୍ୟାଳୟ ପାଚେରୀ ଗୃହ ଭାଙ୍ଗି ବର୍ଷ ବର୍ଷ ବିତି ଯାଇଥିଲେ ସୁଦ୍ଧା ମରାମତି ହେବା ଦେଖା ଯାଉନାହିଁ। ଖାଲି ଏତିକି ନୁହେଁ, ପିଲାଙ୍କ ଶ୍ରେଣୀ ଗୃହ ଅଭାବ ସହ ପିଇବା ପାଣି, ଖେଳିବାକୁ ଭଲ ପଡିଆ ମଧ୍ୟ ସ୍କୁଲର ଭାଗ୍ୟରେ ନାହିଁ। ସେପଟେ ସକାଳ ହେଲେ ଓଡ଼ିଶା ପିଲା ପଡିଶା ସ୍କୁଲକୁ ଦେଖି ମନ ଦୁଃଖ କରିବା ସ୍ୱାଭାବିକ କଥା। ଏ ନେଇ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବହୁବାର ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ କାହିକି ଓ କଣ ପାଇଁ ହୋଇ ପାରୁନାହିଁ ତାହା ଜାଣିପାରୁନାହୁଁ।

# କଂଗ୍ରେସର ବନ୍ଦ ଡାକରା, ଛତିଶଗଡ଼କୁ ଯୋଗାଯୋଗ ଠପ୍



ପଡିଆ,୨୫।୩(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରେ ଜିଲ୍ଲା କଂଗ୍ରେସର ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ୪ ଦଫା ଦାବି ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା ବେଳେ ପଡିଆ ବ୍ଲକ ସଦର ମହକୁମାରେ ଥିବା ରାମ ମନ୍ଦିର ଛକ ଓ କମାରଗୁଡା ଛକରେ ରହି କଂଗ୍ରେସ କର୍ମୀ ମାନେ ଯାତାୟତ କୁ ବନ୍ଦ କରିଛନ୍ତି। ପଡିଆ ମୁଖ୍ୟ ଛକଠାରେ ଅସ୍ଥାୟୀ ବ୍ୟାରିକେଡ ତିଆରି କରି ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତିଙ୍କ ଆହ୍ୱାନ କ୍ରମେ ପଡିଆ ବ୍ଲକ କଂଗ୍ରେସ ସଭାପତି ରୁଞ୍ଜା ଆନନ୍ଦ ରାଓଙ୍କ ନେତୃତରେ ବ୍ଲକ କଂଗ୍ରେସ କର୍ମୀ ପ୍ରମୋଦ କୁମାର ସେଠୀ, ନାଗୁଲୁ ଜବଦାଇ, ଏମଡି ଇର୍ସାଦ, ନାରା ନାଗ ରାଜୁ ଓ ମନୋଜ ମାଡିଙ୍କ ସମେତ ଅନ୍ୟାନ୍ୟ କର୍ମୀମାନେ ବନ୍ଦକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ । ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ବନ୍ଦ ହୋଇଥିବା ବେଳେ ପଡୋଶୀ ଛତିଶଗଡ଼କୁ ଯାତାୟତ ଠପ୍ ହୋଇ ପଡ଼ିଥିଲା । ସୁରକ୍ଷା ଦୃଷ୍ଟିରୁ ପୁଲିସ୍ କର୍ମୀ ସେଠାରେ ଉପସ୍ଥିତ ରହିଥିଲେ ।

## ବନ୍ଦ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

କୋରାପୁଟ/ପୋଡ଼ାଗଡ଼,୨୫।୩(ସମିସ): କୋରାପୁଟ ପିଏଚ୍‌ଡି କଲୋନି ନିକଟ ନୂଆସାହିରେ ଜଣେ ୨୨ ବର୍ଷୀୟ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଗତକାଲି ଦ୍ୱିପ୍ରହର ସମୟରେ ମହିଳାଙ୍କ ସ୍ୱାମୀ ଚନ୍ଦ୍ର ମୁଦୁଲି ସ୍ତ୍ରୀ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ ଶଶୁର ଘର ଲୋକଙ୍କୁ ଖବର ଦେବା ସହ ପୁଲିସକୁ ମଧ୍ୟ ସୂଚନା ଦେଇଥିଲା । ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ସ୍ୱାମୀ ଘରୁ ଫେରାର ହୋଇ ଯାଇଥିବା ଜଣାପଡିଛି । ଚନ୍ଦ୍ର ମୁଦୁଲି ଗତ ୩ ବର୍ଷ ତଳେ ଲୁଲା ପଞ୍ଚାୟତର ନେରକାଗୁଡା ଗ୍ରାମର ସପତି ମୁଦୁଲିଙ୍କୁ ବିବାହ କରିଥିଲେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳହ ଲାଗିରହିଥିବା ମୃତା ମହିଳାଙ୍କ ଭାଇ ଅଲେଖ ମୁଦୁଲି ସୂଚନା ଦେଇଛନ୍ତି । ଭଉଣୀକୁ ତା ସ୍ୱାମୀ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ କୋରାପୁଟ ଟାଉନ ପୁଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିବା ସହ ଆମ୍ବୁଲାନ୍ସ ମାଧ୍ୟମରେ ଶବ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜକୁ ପଠାଇଛନ୍ତି ।



# ପୂର୍ବତନ ଇରିଗେସନ ସର୍ବୋଚ୍ଚ ଯନ୍ତ୍ରୀ ଦାଶରଥି ନନ୍ଦଙ୍କ ପରଲୋକ



ଜୟପୁର, ୨୫ ।୩(ସମିସ): ରାଜ୍ୟ ଇରିଗେସନ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ସାହିତ୍ୟିକ, ଔପନ୍ୟାସିକ, ଲେଖକ ଇଂ.ଦାଶରଥି ନନ୍ଦଙ୍କ ଆଜି ସଂଧ୍ୟାରେ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ଗତ ୪ଦିନ ପୂର୍ବରୁ ସ୍ୱର୍ଗତ ନନ୍ଦଙ୍କ ସ୍ୱାସ୍ଥ୍ୟ ସାମାନ୍ୟ ଅସୁସ୍ଥ ହୋଇଥିଲା। ତାଙ୍କୁ ତୁରନ୍ତ ଜୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ଦୁଇ ପୁଅ ସୁଂଧାଂଶୁ ଏବଂ ହିମାଂଶୁ ରହିଥିଲେ। ଆଜି ବିଳମ୍ବିତ ରାତିରେ ତାଙ୍କର ଭୂତନାଥ ମନ୍ଦିର ଶ୍ମଶାନରେ ଅନ୍ତେଷ୍ଟିକ୍ରିୟା କରାଯିବ। ସ୍ୱର୍ଗତ ଇଂ ନନ୍ଦ ୧୯୪୩ ମସିହାରେ ଜୟପୁର ଦାଶ ସାହି ଠାରେ ଜନ୍ମ ଗ୍ରହଣ କରି ବୁର୍ଲାସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରୁ ଶ୍ରେଷ୍ଠ ଛାତ୍ର ଭାବେ ସ୍ୱର୍ଣ୍ଣ ପଦକ ପାଇ କୃତିତ୍ୱ ସହ ପାସ କରିବା ପରେ ଇରିଗେସନ ବିଭାଗରେ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ୨୦୦୨-୦୩ ମସିହାରେ ବିଭାଗର ରାଜ୍ୟର ର୍ସବୋଚ୍ଚ ଯନ୍ତ୍ରୀ ଭାବେ ଅବସର ଗ୍ରହଣ କରିଥିଲେ। ସେ ଜଣେ ବୈଷୟିକ ବିଶେଷଜ୍ଞ ସହିତ ସାହିତ୍ୟିକ, ସୁଲେଖକ, ଐପନାସିକ, ଐତିହାସିକ, ଫୁଟବଲ ଖେଳାଳୀ ଭାବେ ବହୁ ପ୍ରତିଭାର ଅଧିକାରୀ ରହିଥିଲେ। ତାଙ୍କ ଦ୍ୱାରା ବହୁ ପୁସ୍ତକ. ଉପନ୍ୟାସ ରଚିତ ହୋଇଛି । ତାଙ୍କ ଦ୍ୱାରା ଲିଖିତ ସହିଦ ଲକ୍ଷ୍ମଣ ନାୟକ ପୁସ୍ତକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କଳା ସ୍ନାତକ ଓଡିଆ ସାହିତ୍ୟ ପାଠ୍ୟକ୍ରମରେ ନଣ୍ଡିଟେଲ ଭାବେ ଛାତ୍ରଛାତ୍ରୀଙ୍କୁ ପଢାଯାଉଥିଲା ।

# ବନାଗ୍ନୀ ପ୍ରତିରୋଧ ସଚେତନତା ଶିବିର



କୁନ୍ଦୁରା, ୨୫।୩(ସମିସ): କୁନ୍ଦୁରା ବନାଞ୍ଚଳ ଅନ୍ତର୍ଗତ ଆସନାଠାରେ ଓଡିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବ୍ଲକସ୍ତରୀୟ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର, କୋଟପାଡ଼ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଅଗ୍ନିଶମ ଅଧିକାରୀ ସରୋଜ କୁମାର ଭୂତିଆ, ସ୍ଥାନୀୟ ରେଞ୍ଜର ବିଶ୍ୱ ନାଥ ମାଣ୍ଡିଙ୍ଗା, ଗୁପ୍ତେଶ୍ୱର ରେଞ୍ଜର ଛବିନ୍ଦ୍ର ରନ୍ଧାରୀ, ସରୋପଞ୍ଚ ବାସନ୍ତୀ କୁସପାରିଆ, ବନ ସୁରକ୍ଷା ବନ ସମିତି ବ୍ଲକ ସଭାପତି ଚାନ୍ଦ ସଗରିଆ,ବିଜେପି ମଣ୍ଡଳ ସଭାପତି ପଦ୍ମନାଭ ବିଶୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମରେ ୨୪ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ମାର୍ଚ୍ଚ ମାସ ଆରମ୍ଭରୁ ଗ୍ରୀଷ୍ମ ପ୍ରଭାବରୁ ଜଙ୍ଗଲରେ ଥିବା ଗଛ ଗୁଡ଼ିକ ପତ୍ରଝଡ଼ା ଦେଇଥାଏ । ଶୁଖିଲା ପତ୍ରରେ ଜଙ୍ଗଲ ଆଚ୍ଛାଦିତ ହୋଇଯାଏ । ଏହି ସମୟରେ ମହୁଲ ଗଛରେ ଫୁଲ ଫୁଟିବା ଆରମ୍ଭ ହୋଇଥାଏ । ହେଲେ ଶୁଖିଲା ପତ୍ର ମଧ୍ୟରେ ପଡିଯିବା ଦ୍ୱାରା ଏହାକୁ ସଂଗ୍ରହ କରିବା ବନାଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କ ପକ୍ଷରୁ କଷ୍ଟକର ହୋଇଥାଏ । ଯେଉଁଥି ପାଇଁ ଅଳ୍ପ ସମୟ ମଧ୍ୟରେ ପ୍ରଚୁର ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଗଛ ତଳେ ଜମା ହୋଇଥିବା ଶୁଖିଲା ପତ୍ରକୁ ନିଆଁ ଲଗାଇ ପରିଷ୍କାର କରନ୍ତି ସେମାନେ । ବେଳେ ବେଳେ ବିଡି ସିଗାରରେଟ ଦ୍ୱାରା ମଧ୍ୟ ଜଙ୍ଗଲରେ ପଡିଥିବା ପାତ୍ରରେ ନିଆଁ ଲାଗେ । କିନ୍ତୁ ନିଆଁ ଲିଭା ନଯିବାରୁ ଧୀରେ ଧୀରେ ଏହା ଜଙ୍ଗଲକୁ ବ୍ୟାପିଥାଏ । ଫଳରେ ଔଷଧୀୟ ବୃକ୍ଷ ନଷ୍ଟ ସହ ପଶୁ ପକ୍ଷୀଙ୍କ ଜୀବନ ହାନି ହୁଏ । ଏହାସହ ବାୟୁମଣ୍ଡଳ ଉତ୍ତପ୍ତ ଏବଂ ବିଷାକ୍ତ ହୋଇ ପରିବେଶ ଉପରେ କୁପ୍ରଭାବ ପକାଏ । ଏଥିଲାଗି କୁନ୍ଦୁରା ବନାଞ୍ଚଳରେ ପ୍ରାୟ ୫୬ କିଲୋମିଟର ପର୍ଯ୍ୟନ୍ତ ଫାଇର ଲାଇନ କୋଟା ଯାଇଛି । ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା, ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବା ସହିତ ପରିବେଶ, ଜଳବାୟୁ ଓ ମଣିଷ ସମାଜ ଉପରେ ଏହାର କୁପ୍ରଭାବ ପଡୁଥିବା କଥା ସମସ୍ତ ଅତିଥିମାନେ କହିଥିବା ବେଳେ କେମିତି ଏହାର ନିରାକରଣ କରାଯାଇପାରିବ, ନିଆଁ ଦାଉରୁ କିଭଳି ଭାବରେ ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ, ଜଙ୍ଗଲ ନିକଟସ୍ଥ ଗ୍ରାମର ଲୋକମାନଙ୍କୁ ସଚେତନ କରାଇବା ପାଇଁ ଓ ବନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଛି । ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଲୋକମାନଙ୍କୁ ସଚେତନ କରିବା ପାଇଁ ଲିମା ବନପାଳ ଦେବେନ୍ଦ୍ର କୁମାର ନାୟକ ଏବଂ କୁନ୍ଦୁରା ବନପାଳ ଅରଣ୍ଣ କୁମାର ଜେନା, ସୁନିତା ଖେମୁଡୁ, ବନରକ୍ଷୀ ବନ୍ଦନା ଦାସ, ଦୀପକ ଚୌଧୁରୀ ସମତ ସମସ୍ତ କର୍ମକର୍ତ୍ତା, ପରାଷ୍ଟାପ, ଗ୍ରାମ ବିକାଶ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

କୋରାପୁଟ,୨୫।୩(ସମିସ): କୋରାପୁଟ ଟାଉନ୍ ଥାନା ଅନ୍ତର୍ଗତ ଦୁରୁଗୁଡ଼ା ଗ୍ରାମରେ ଘର ଭିତରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ତପନ ବାଲାପୁଟିଆ ବୋଲି ଜଣାପଡ଼ିଛି । ତପନ ଛୋଟବେଳୁ ଦୁରୁଗୁଡ଼ା ଗ୍ରାମରେ ନିଜ ଦାଦା ଘରେ ରହି ଆସୁଥିଲେ । କୋରାପୁଟରେ ଏକ ଗ୍ୟାରେଜରେ କିଛି ମାସ ହେବ କାମ ମଧ୍ୟ କରୁଥିଲେ । ଆଜି ସକାଳୁ ଦେଖା ତାଙ୍କର ଦେଖା ମିଳି ନଥିଲା । ରାତିରେ ଶୋଉଥିବା ଘର ସବୁଆଡେ ବନ୍ଦ ଥିବାରୁ ସନ୍ଦେହରେ କବାଟ ଭାଙ୍ଗିବା ପରେ ଝୁଲନ୍ତା ଅବସ୍ଥାରେ ତାର ମୃତଦେହ ଦେଖିବାକୁ ମିଳିଥିଲା । ଖବରପାଇ ଘଟଣାସ୍ଥଳରେ କୋରାପୁଟ ଟାଉନ୍ ଥାନା ଓ ଡୁମୁରିପୁଟ ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି ।

# ଭାରସାମ୍ୟ ହରାଇ ଓଲଟିଲା କାର୍: ୪ ଆହତ

ରାୟଗଡ଼ା,୨୫।୩(ସମିସ): ୩୨୬ ନମ୍ବର ଜାତୀୟ ରାଜପଥର ରାୟଗଡ଼ା-କୋରାପୁଟ ମୁଖ୍ୟ ରାସ୍ତାର ରାୟଗଡ଼ା ଥାନା ଅନ୍ତର୍ଗତ ତଳଗୁମା ନିକଟରେ ଆଜି ସକାଳେ ଏକ କାର ଭରସାମ୍ୟ ହରାଇ ଓଲଟି ପଡିଥିଲା । ଏହି କାରଟି ଆସ୍କାରୁ ଜୟପୁର ଯାଉଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡିଛି । କାରରେ ଯାତ୍ରା କରୁଥିବା ଚାରି ଜଣଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଥିଲେ । ଆସ୍କାରୁ ଜୟପୁରକୁ ଯାତ୍ରା କରୁଥିବା ସମୟରେ, ସେମାନେ ରାସ୍ତାରେ ରାୟଗଡ଼ାରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରେ ଅଟକିଥିଲେ ଏବଂ ପରେ ଚାଲି ଯାଇଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ଏହି ଦୁଃଖଦ ଘଟଣା ଘଟିଥିଲା । ସୂଚନା ପାଇବା ମାତ୍ରେ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କାରରେ ଥିବା ସୁମନ ସାସମଲ ଏବଂ ମିନତି ସାହୁ ଗୁରୁତର ଆହତ ହୋଇଥିବାରୁ ଡାକ୍ତର ସେମାନଙ୍କୁ ବ୍ରହ୍ମପୁର ନେବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ଦୁଇ ଜଣ, ସୁନିତା ସାହୁ ଏବଂ ଆଲିସ୍କା ସାହୁ ଆହତ ହୋଇଥିବା ଜଣାପଡ଼ିଛି ।

# ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରି ଉଦ୍‌ଘାଟିତ



ତେନ୍ତୁଳିଖୁଣ୍ଟି,୨୫।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ସ୍ଥିତ ତେନ୍ତୁଳିଖୁଣ୍ଟି ପିଏମ୍‌ଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପଞ୍ଚମ ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପରି ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିର ୪ଦିନ ଚାଲିବ । ଏଥିରେ ଜିଲ୍ଲାର ୧୦ ଗୋଟି ବ୍ଲକ ୪୫ଟି ବିଦ୍ୟାଳୟର ୨୨୫ ଜଣ ସ୍କାଉଟ, ୫୪ ଜଣ ଗାଇଡ୍ ଛାତ୍ରଛାତ୍ରୀ ଏବଂ ୪୫ ଜଣ ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପଟେନ୍ ଅଂଶ ଗ୍ରହଣ କରିଛନ୍ତି । ଉଦ୍‌ଘାଟନ ଦିବସରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କ୍ୟାମ୍ପରି ଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ଶୃଙ୍ଖଳତା,ସମୟାନୁବର୍ତ୍ତିତ,ସଂଯୋମତା ଓ ସହନଶୀଳତା ସହିତ ଦେଶ ପ୍ରେମ ପାଇଁ ପ୍ରେରଣା ମିଳେ । ଅତଏବ ଆଗକୁ ଏକ ସୁସ୍ଥ ସମାଜ ଗଠନ ରେ ସହାୟକ ହୁଏ ବୋଲି କହିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ ଓ ଗାଇଡ ଜିଲ୍ଲା ମୁଖ୍ୟ କମିଶନର ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁପ୍ରିୟା ନାୟକ, ପ୍ରକାଶ କୁମାର ମହାଳିକ, ବିଡିଓ ମନୋଜ ପାଣିଗ୍ରାହୀ, ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ, ପିଏମ୍ ଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଆନନ କୁମାର ଭତରା, ଭାରତ ସ୍କାଉଟ୍ ଗାଇଡ ଜିଲ୍ଲା ସମ୍ପାଦକ ପ୍ରଭାତ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିବା ବେଳେ କଳାହାଣ୍ଡି ଜିଲ୍ଲାର ଧୀରେନ୍ଦ୍ର ପଣ୍ଡା ବିଶେଷଜ୍ଞ ଭାବରେ ଯୋଗ ଦେଇ ସେବା ଯୋଗାଇଥିଲେ । ଅପରାହ୍ନରେ ଫୁଡ ଭିଲା, ଭିଲେଜ ଫେର ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟର ଆଲୁମିନା କମିଟି ବୃନ୍ଦ ଉପସ୍ଥିତ ରହି ୫ ଶହ ଜଣଙ୍କ ସକାଳ ଜଳଖିଆ ସାଙ୍ଗକୁ ସେବା ପ୍ରଦାନ କରିଛନ୍ତି । ଏଥିରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ଏବିଇଓ କୁଳ ରଞ୍ଜନ ସୁନା,ପ୍ରଫୁଲ୍ଲ ପଟ୍ଟନାୟକଙ୍କ ସହ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରୁଛନ୍ତି ।

# ଦକ୍ଷିଣକାଳୀ ମନ୍ଦିରରେ ଚୈତ୍ର ଘଟଯାତ୍ରା ଶୁଭାରମ୍ଭ



ଜୟପୁର,୨୫ ।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମାଦଳା ସାହି (ବେହେରାସାହି) ସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିରରେ ଚୈତ୍ର ଘଟପର୍ବ ଯାତ୍ରା ବୁଧବାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅପରାହ୍ନରେ ପୁରୁଣାଗଡ ଦକ୍ଷିଣକାଳୀ ମୁଖ୍ୟ ମନ୍ଦିର ପୀଠରୁ ପୂଜାର୍ଚ୍ଚନା ପରେ ଆଜ୍ଞା ଫୁଲମାଳ ଅଣାଯାଇଥିଲା । ସେଠାରୁ କୁମ୍ଭାରଶାଳରୁ ନୂତନ ଘଟହାଣ୍ଡି ଲାଠୀ ପ୍ରଭୃତି ନେଇ ଏକ ଶୋଭାଯାତ୍ରାରେ ଦେବୀ ମାଦଳାସାହିର ମନ୍ଦିରକୁ ସଂଧ୍ୟାରେ ବାଜାବଜାଣା ସହିତ ପହଞ୍ଚିଥଲେ । ଏହି ଅବସରରେ ଶଙ୍ଖ, କାହାଳୀ ସହିତ ଦେବୀଙ୍କୁ ଶାରଦା ବିହାର, ବାଲିପଙ୍ଗା ସାହି, ମାଦଳା ସାହି ଏବଂ ବେହେରା ସାହିରେ ରାସ୍ତାରେ ଶାଢୀ ଓ ଫୁଲ ଢାଳା ଯାଇ ସ୍ୱାଗତ କରାଯାଇଥିଲା । ସେହିପରି ପ୍ରତ୍ୟେକ ସାହିବାସିନ୍ଦା ଗୃହ ସମ୍ମୁଖରେ ନଡିଆ, କୋଦଳୀ, ଦୀପ, ଧୂପ, ପଣା ଏବଂ ହଳଦୀପାଣି ରଖିବା ସହିତ ଦେବୀଙ୍କୁ ସ୍ୱାଗତ କରାଯାଇଥିଲା । ଶତାଧିକ ସାହି ବାସିନ୍ଦା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପରମ୍ପରା ଅନୁଯାୟୀ ଦେବୀଙ୍କ ଫୁଲଚାଙ୍ଗୁଡି, ଲାଠି ଏବଂ ହାଣ୍ଡି ଧାରୀମାନେ ଲୁହାକଣ୍ଟାର ଦୋଳିରେ ବସି ଝୁଲିଥିଲେ । ଆସନ୍ତା ୫ ଦିନପର୍ଯ୍ୟନ୍ତ ମନ୍ଦିର ଓ ସାହିରେ ଚଳଚଞ୍ଚଳ ସହିତ ପ୍ରତ୍ୟେକ ସଂଧ୍ୟାରେ ଦେବୀଙ୍କ ଘଟକୁ ସହରର ବିଭିନ୍ନ ସାହି ଏବଂ ଅନ୍ୟାନ୍ୟ ଦେବୀଙ୍କ ପୀଠକୁ ଘଟ ଓ ଫୁଲ ଚାଙ୍ଗୁଡି ଯାତ୍ରା କରିବ ଏବଂ ସେଠାରେ ପୂଜାର୍ଚ୍ଚନା ପାଇବା ପରେ ବିଳମ୍ବିତ ରାତିରେ ମନ୍ଦିରକୁ ଫେରିବେ । ଶେଷ ଦିବସରେ ବିଳମ୍ବିତ ରାତିରେ ଦେବୀଙ୍କ ଘଟକୁ ସତୀ ନଦୀ ନିକଟସ୍ଥ ଖୋଲାପଡିଆ ପାଖକୁ ଯାଇ ସେଠାରେ ପୂଜାର୍ଚ୍ଚନା ଓ ଶାନ୍ତିପଣା ପ୍ରଦାନ କରାଯାଇ ବିସର୍ଜନ କରାଯିବ ବୋଲି ମନ୍ଦିର ଘଟଯାତ୍ରା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ମା' ବାସନ୍ତୀଙ୍କ ପୂଜା ଉତ୍ସବ, ଶ୍ରଦ୍ଧାଳୁଙ୍କ ଭିଡ଼

**ପଡିଆ, ୨୫ ।୩(ସମିସ):** ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି ୫୮ ଓ ଗିରିକାନପଲ୍ଲୀ ପଞ୍ଚାୟତ ଏମଭି ୯୫ ଗ୍ରାମରେ ଗତ ୨୩ ତାରିଖରୁ ମା' ବାସନ୍ତୀଙ୍କ ପୂଜା ଧୁମ୍‌ଧାମରେ ପାଳନ ହୋଇଥିବା ଦେଖିବାକୁ ମିଳିଛି । ଗତ ସୋମବାର ଦିନ ସ୍ଥାନୀୟ ନଦୀରୁ ଜଳ ଆଣି ଘଟ ବସାଇବା ପରେ ମଙ୍ଗଳବାର ଦିନ ଠାରୁ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା । ଏହାପରେ ବଙ୍ଗୀୟ ରୀତିନୀତି ଅନୁସାରେ ମା' ଦୁର୍ଗାଙ୍କୁ ବାସନ୍ତୀ ରୂପରେ ପୂଜାର୍ଚ୍ଚନା ବିଧିପୂର୍ବକ କରାଯାଇଥିଲା । ଷଷ୍ଠୀରେ ଦେବୀ ମା'ଙ୍କୁ ଆହ୍ୱାନ କରାଯାଇ ସପ୍ତମୀ ଦିନ ଦେବୀପୂଜା କରାଯାଇଛି । ଏହାପରେ ଅଷ୍ଟମୀ ଓ ନବମୀ ଦିନ ନବରାତ୍ର ପୂଜା ସହ ଶନିବାର ଦିନ ଦଶମୀ ପୂଜା ହୋଇ ପୂଜା କାର୍ଯ୍ୟ ସମାପନ ହେବ ବୋଲି ଜଣାପଡିଛି । ଏହି ଅବସରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସ୍ଥାନୀୟ ପୂଜା ପଡିଆକୁ ରଙ୍ଗୀନ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ବାସନ୍ତୀ ପୂଜା ଅବସରରେ ସୁରକ୍ଷା ଦୃଷ୍ଟିରୁ ପୂଜା ପଡିଆ ଗୁଡିକରେ ପୋଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଏମଭି ୫୮ ବାସନ୍ତୀ ପୂଜା କମିଟି ରେ ସଭାପତି ଶ୍ୟାମାନନ୍ଦ ହାଲଦାର, ସମ୍ପାଦକ ସୁବ୍ରତ ବାନାର୍ଜୀ, ଇନ୍ଦ୍ରଜିତ ସରକାର, ବାସୁଦେବ ସରଦାର, ସୌମେନ୍ଦ୍ର ରାୟ, ଗୋପାଲ ବିଶ୍ୱାସ ଓ ସଞ୍ଜୟ ମଜୁମଦାର ରହିଥିବା ବେଳେ ଏମଭି ୯୫ ପୂଜା କମିଟି ଅନନ୍ତ ମଣ୍ଡଲ, ଶଙ୍କର ଦତ୍ତ, କମଳ ମଣ୍ଡଲ, କୃଷ୍ଣପଦ ମିସ୍ତ୍ରୀ, ଅପୂର୍ବ ବିଶ୍ୱାସ ଓ ସମରେଶ ସରକାର ସରକାର ପ୍ରମୁଖ ରହି ପୂଜା କାର୍ଯ୍ୟ ପରିଚାଳନା କରିଥିବା ଜଣାପଡିଛି ।



# ତୁଳସୀ ପାହାଡ଼ରେ ଜିଲ୍ଲାପାଳଙ୍କ ବିକାଶ କାର୍ଯ୍ୟର ସମୀକ୍ଷା

## ● ଏପ୍ରିଲ ୧୫ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ମାଲକାନଗିରି, ୨୫ ।୩(ସମିସ): ମାଲକାନଗିରି ଜିଲ୍ଲାର ଦୁର୍ଗମ ତଥା ପାହାଡ଼ିଆ ଅଞ୍ଚଳ ଭାବେ ପରିଚିତ ମାଥିଲି ବ୍ଲକର ତୁଳସୀ ପାହାଡ଼ ଅଞ୍ଚଳରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଗ୍ରାଧିକାର ଦିଆଯାଉଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏହି ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିବା ସହ ବହୁ ପ୍ରତୀକ୍ଷିତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି । ତୁଳସୀ-ମାଟିଗୁଡା-ଗୁଗାପଦର-ଦଲଦଲି ରାସ୍ତା ନିର୍ମାଣ ଏହି ଅଞ୍ଚଳର ଗମନାଗମନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାପାଳ ଏହି ରାସ୍ତା ନିର୍ମାଣର ଅଗ୍ରଗତି ପରଖିବା ସହ କାର୍ଯ୍ୟରେ ଯେପରି କୌଣସି ଅବହେଳା ନହୁଏ, ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି । ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ "ଫରେଷ୍ଟ ଡାଇଭରସନ' ପ୍ରସ୍ତାବ ତୁରନ୍ତ ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମାଥିଲି ବିଡ଼ିଓ ପ୍ରମୋଦ ବେହେରା, ମାଥିଲି ତହସିଲଦାର ମାନସୀ ଭୋଇ, ବୈପାରୀଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଏ ସି ଏଫ୍ ପ୍ରିୟଙ୍କା ମହୁକା ପ୍ରମୁଖ ସାମିଲ ଥିଲେ । ଏହା ସହ ଗ୍ରାମ୍ୟ ଉନ୍ନୟନ-୧ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ । ଜଙ୍ଗଲ ଜମିର ବ୍ୟବହାର ଓ ରାସ୍ତା ନିର୍ମାଣ ପାଇଁ ସମ୍ପୃକ୍ତ ତହସିଲ ଓ ଜଙ୍ଗଲ ବିଭାଗକୁ ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ମିଳିତ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ରିପୋର୍ଟ ହସ୍ତଗତ ହେବା ପରେ ପରିବେଶ ପୋର୍ଟାଲରେ "ଡାଇଭରସନ ରୋଡ୍' ପାଇଁ ଆନୁଷ୍ଠାନିକ ଭାବେ ସବମିଶନ୍ କରାଯିବ । ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଗମନାଗମନ ସମସ୍ୟା ଦୂର ହେବା ସହ ବିକାଶ ଧାରା ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି ।

## ବଦଳିବ ରାୟଗଡ଼ା ବ୍ଲକ୍‌ର ରୂପରେଖ

# ଅଞ୍ଚଳ ପରିଦର୍ଶନ କଲେ ଜିଲ୍ଲା ପରିଷଦ ସିଡିଓ



ରାୟଗଡ଼ା,୨୫।୩(ସମିସ): ରାୟଗଡ଼ା ଜିଲ୍ଲାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାୟଗଡାର ଯୁବ ଆଇଏଏସ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି । ବିକଶିତ ଓଡ଼ିଶା ଗଠନ ନିମନ୍ତେ ଜିଲ୍ଲାକୁ ବିକଶିତ କରିବାର ସଂକଳ୍ପ ନେଇ ଜିଲ୍ଲାପାଳ ଦୁର୍ଗମ ଅଞ୍ଚଳ ଗସ୍ତ କରିବା ସହ ଲୋକଙ୍କ ସହ ଭେଟି, ସମସ୍ୟା ଗୁଡିକୁ ଯଥାଶୀଘ୍ର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଉଛନ୍ତି । ଅପରପକ୍ଷେ, ଜିଲ୍ଲା ଅଧିକାରୀଙ୍କୁ ଜିଲ୍ଲାର ସୀମାନ୍ତ ଅଞ୍ଚଳ ସମେତ ପ୍ରତି ଦୁର୍ଗମ ଅଞ୍ଚଳ ଗସ୍ତ କରି ଭିତ୍ତିଭୂମିର ବିକାଶ ସହ ଅଭିନବ ପ୍ରକଳ୍ପ ଗୁଡିକର ରୂପାୟନ ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ରାୟଗଡା ସଦର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ପରିଦର୍ଶନ ଓ ସମୀକ୍ଷା କରିଛନ୍ତି । ପୂର୍ବାହ୍ନରେ ଓଡିଶା-ଆନ୍ଧ୍ର ପ୍ରଦେଶ ସୀମାନ୍ତ ଦୁର୍ଗାପାଢୁ ଗ୍ରାମ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଦୁର୍ଗାପାଢୁ ଜଳପ୍ରପାତ ପରିଦର୍ଶନରେ ଅନେକ ପର୍ଯ୍ୟଟକ ଆସୁଥିବାରୁ ତାହାର ପାରିପାର୍ଶ୍ୱିକ ବିକାଶ ନିମନ୍ତେ ବିକଶିତ ଗ୍ରାମ ବିକଶିତ ଓଡିଶା ଯୋଜନା ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ସହ ଜଳ ସଞ୍ଚୟ-ଜନ ଭାଗୀଦାରୀ ଯୋଜନାରେ ଜିଲ୍ଲାକୁ ପ୍ରାପ୍ତ ପୁରସ୍କାର ରାଶିରୁ ୧୫ଲକ୍ଷ ଟଙ୍କା ବିନିଯୋଗରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରସ୍ତାବ ଆହ୍ୱାନ କରିଥିଲେ । ସେହିପରି ବୈରାଗୀ ହାଲୁଆ ଗ୍ରାମପଞ୍ଚାୟତ ପରିଦର୍ଶନ ସମୟରେ ବୈରାଗୀ ହାଲୁଆ ଜଳପ୍ରପାତ ଓ ପର୍ଯ୍ୟଟନ ସ୍ଥଳର ବିକାଶ ନିମନ୍ତେ ବିକଶିତ ଗ୍ରାମ ବିକଶିତ ଓଡିଶା ଯୋଜନା ମାଧ୍ୟମରେ

## ୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଅନୁମତି

୨୦୨୫-୨୬ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ବିନିଯୋଗ କରିବା ପାଇଁ ଅନୁମୋଦନ ଦେଇଛନ୍ତି । ସେହିପରି ବୈରାଗୀ ହାଲୁଆ ଠାରେ ନିର୍ମାଣାଧୀନ ଜଳ ପ୍ରକ୍ରିୟାକରଣ ଶିଳ୍ପ ପରିଦର୍ଶନ କରିଥିଲେ । ଏହା ଶୀଘ୍ର କାର୍ଯ୍ୟକ୍ଷମ ହେବ । ଯାହା ସ୍ଥାନୀୟ ୬ ଗୋଟି ଗ୍ରାମ ପଞ୍ଚାୟତର ୨୯ ଗୋଟି ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଯୋଗାଣରେ ସହାୟକ ହୋଇପାରିବ, । ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ବିକାଶର ଅନେକ ସମ୍ଭାବନା ରହିଛି । ବିକଶିତ ଭାରତ ଗଠନ ନିମନ୍ତେ ଗ୍ରାମ୍ୟ ସ୍ତରରେ ଏହାର ଯୋଜନା ପ୍ରସ୍ତୁତି, କାର୍ଯ୍ୟକ୍ଷମ ଓ ସୁପରିଚାଳନାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଖେମୁଣ୍ଡୁ କହିଛନ୍ତି । ପରିଦର୍ଶନ ସମୟରେ ରାୟଗଡା ବିଡିଓ ସୁଜିତ କୁମାର ମିଶ୍ର ଉପସ୍ଥିତ ରହି ଆବଶ୍ୟ ପ୍ରକଳ୍ପ ଉପରେ ଆଲୋଚନା କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ରଥ, ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ବିଭାଗୀୟ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

